# ଓଡିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

******

## ଘୋଷଣା

ସଂଖ୍ୟା **RDM-LAC-SUN-0003-2023-** 3306 /R&DM, ତା- 30 JAN 2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୮ ଅଧିନିୟମ ୨ ଅନୁସାରେ ସୁନ୍ଦରଗଡ ଜିଲ୍ଲାର ୦୧ ଗୋଟି ତହସିଲର ୦୧ ଗୋଟି ଗ୍ରାମର ର ୦.୨୮୫ ଏକର ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ- ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ବ୍ରାହ୍ମଣୀ ନଦୀ ଉପରେ ୬.୦୨୮ କି.ମି. ବିଷିଷ୍ଟ ଏନ୍. ଏଚ୍-୨୩ ରୁ ରାବଣଝୋଳ ରୋଡ୍ ଠାରେ ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ ତହସିଲ ଅନ୍ତର୍ଗତ ପିତାଗାଁ ଠାରେ ଏଚ. ଏଲ. ପୋଲ ନିର୍ମାଣ ନିମନ୍ତେ ଅଧୀକ୍ଷକ ଯନ୍ତ୍ରୀ (ଗ୍ରାମ୍ୟ ଓ ଉନ୍ନୟନ ବିଭାଗ), ରାଉରକେଲା ଙ୍କ ଦ୍ଵାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି । ଏହାଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଥିବା ନିମ୍ନ ସୂଚୀତ 'କ' ତଫସିଲ ଜମି ନିମନ୍ତେ, ସୁନ୍ଦରଗଡ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟ କୁ ତର୍ଜମାକରି ସରକାରଙ୍କ ଦ୍ଵାରା ନିମ୍ନୋକ୍ତ ନିଷ୍ପତ୍ତି ନିଆଗଲା ।

୧. ସୁନ୍ଦରଗଡ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ବ୍ରାହ୍ମଣୀ ନଦୀ ଉପରେ ୬.୦୨୮ କି.ମି. ବିଷିଷ୍ଟ ଏନ୍. ଏଚ୍-୨୩ ରୁ ରାବଣଝୋଳ ରୋଡ୍ ଠାରେ ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ ତହସିଲ ଅନ୍ତର୍ଗତ ପିତାଗାଁଠାରେ ଏଚ. ଏଲ. ପୋଲ ନିର୍ମାଣ ନିମନ୍ତେ ଅଧିଗ୍ରହଣ କରାଯାଉ ଥିବା ୦୧ ଗୋଟି ଗ୍ରାମର ର ୦.୨୮୫ ଏକର ଜାଗା ଯଥାର୍ଥରେ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ।

୨. ଏହି ପ୍ରକଳ୍ପ ପାଇଁ ୦୧ ଗୋଟି ଗ୍ରାମର ର ୦.୨୮୫ ଏକର ଜାଗା ଅଧିଗ୍ରହିତ ହେବ ଏବଂ ଜିଲ୍ଲାପାଳ, ସୁନ୍ଦରଗଡ ଙ୍କ ପ୍ରଦତ୍ତ ବିବରଣୀ (ରିପୋର୍ଟ) ଅନୁଯାୟୀ ଆଂଶିକ ପରିବାର କ୍ଷତିଗ୍ରସ୍ତ ହେଉଛନ୍ତି ।

୩. ଏହି ପ୍ରକଳ୍ପ ନିମିତ୍ତ ଅଧିଗ୍ରହିତ ହେଉଥିବା ଜମିର ଲୋକଙ୍କ ପାଇଁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଅନୁସାରେ ଏବଂ ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ ନିୟମ ଅନୁଯାୟୀ ଉଚିତ କ୍ଷତିପୂରଣ କରାଯିବ ।

୪. ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ପରିମାଣର ଜମି ଅଧିଗ୍ରହଣ କରିବା ପାଇଁ ଧ୍ୟାନ ଦିଆ ଯାଇଛି ଏବଂ ଏହା ଦ୍ଵାରା ଲୋକଙ୍କ ଉପରେ ସର୍ବନିମ୍ନ ବିପରୀତ ପ୍ରଭାବ ପଡିବ।

୫. ପୂର୍ବରୁ ଏହି ଗ୍ରାମ ରେ ଅଧିଗ୍ରହିତ ହୋଇ ଥିବା ବଳକା ଜମି ନାହିଁ। ଏହି ପ୍ରକଳ୍ପ ଦ୍ଵାରା ସାଧାରଣ ଜନତା ଏବଂ ଜମିହରାମାନେ ଉପକୃତ ହେବେ ।

କ୍ରମଶଃ

୬. ପ୍ରଭାବିତ ଗ୍ରାମରେ ଜନ ଶୁଣାଣି ମଧ୍ୟ କରାଯାଇ ଅଛି । ଜିଲ୍ଲାପାଳ ସୁନ୍ଦରଗଡ ଙ୍କ ଦ୍ୱାରା ପ୍ରେରିତ ପତ୍ର କ୍ରମାଙ୍କ 1223 /10.09.2024 ର ସମସ୍ତ ପ୍ରସ୍ତାବକୁ ବିଚାରକୁ ନେଇ ଅଧୀକ୍ଷକ ଯନ୍ତ୍ରୀ (ଗ୍ରାମ୍ୟ ଓ ଉନ୍ନୟନ ବିଭାଗ), ରାଉରକେଲା କର୍ତ୍ତୃପକ୍ଷ କାର୍ଯ୍ୟ ନିର୍ବାହ କରିବେ ।

ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ର ନିୟମ ୧୭ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲାପାଳ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟ କୁ ପରୀକ୍ଷା କରି ନିୟମ ୧୫ ଅନୁସାରେ ଓଡିଆ ଭାଷାରେ ଅନୁରୁପ ଭାବରେ ଉପସ୍ଥାପିତ କରାଗଲା। ଏହାପରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧ ର ଅଧିନିୟମ ୧ ରେ ଘୋଷଣା ପାଇଁ ପ୍ରୟୋଜନ କରାଯିବ।

**ତଫସିଲ- କ**

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: -ସୁନ୍ଦରଗଡ ତହସିଲ: - ଗୁରୁଣ୍ଡିଆ।

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତାନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମି ର ରକବା (ଏକରରେ ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭. | ୮ |
| ପିତାଗାଁ | **ଗ୍ରାମାଞ୍ଚଳ** | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୨୮୫ | ଏଥି ସହିତ ସଂଲଗ୍ନ |

ସର୍ବମୋଟ ଜାଗା ଏକର **୦.୨୮୫** ଡି.

ରାଜ୍ୟପାଳଙ୍କ ଆଦେଶ କ୍ରମେ

ଦିଗନ୍ତ ରାଉତରାୟ 24/1/25

(ଦିଗନ୍ତ ରାଉତରାୟ)

ଅତିରିକ୍ତ ଶାସନ ସଚିବ

Memo No. 3307 Dated 30 JAN 2025

Copy forwarded to the Director, Printing Stationary, Odisha, Cuttack for information and necessary. He is requested to publish the Notification in the next issue of the Odisha Gazette as this is a statutory one.

SRO Number may be allotted to this publication.

28.1.25

Deputy Secretary to Govt.

Memo No. 3308 Dated 30 JAN 2025

Copy forwarded to Works Department for information and necessary action.

29.1.25

Deputy Secretary to Govt.

Memo No. 3309 Date 30 JAN 2025

Copy forwarded to RDC(N.D), Sambalpur/ Collector, Sundargarh/ L.A.O, Sundargarh for information and necessary action. Since the area is coming under a "Scheduled Area", rules and regulations related to the scheduled area under the RFCTLAR&R Act, 2013 must be followed scrupulously.

29.1.25

Deputy Secretary to Govt.

Memo No. 3310 Dated 30 JAN 2025

Copy forwarded to State Coordinator, Nabakrushna Choudhury Centre for Development Studies, Bhubaneswar for information and necessary action. "Schedule Area", rules under RFCTLAR&R Act,2013 Act must be followed scrupulously.

29.1.25

Deputy Secretary to Govt.

Memo No. 3311 Dated 30 JAN 2025

Copy forwarded to the e-Governance Cell, R&DM Department for information and necessary action.

29.1.25

Deputy Secretary to Govt.

# <u>ଖତିୟାନ ନକ୍ସ</u>

ମୌଜା: ପିତାଗାଁ ଥାନା: ଚାନ୍ଦିପୋଷ ତହସିଲ:କୁତ୍ରୁଣ୍ଡିଆ ଜିଲ୍ଲା: ସୁନ୍ଦରଗଡ଼

| କ୍ର. ନଂ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜନ ରକବା (ଏକରରେ) | ଖାତା ରୟତଙ୍କ ନାମ, ପିତାଙ୍କ ନାମ |
|---|---|---|---|---|---|---|
| ୧ | ୨୫ | ୨୦୧/୧ | ଘରବାରୀ | ୦.୧୬ | ୦.୦୩ | ଗୌତମ ଚରଣ ନାଏକ, ଦର୍ପଣ ସାମନ୍ତ ନାଏକ, ପି: ତିର୍ଥ ନାଏକ, ଖିର ନାଏକ, ସ୍ଵା:ତିର୍ଥ ନାଏକ, ଜା: ଭୂୟାଁ, ବା: ନିଜଗାଁ |
| ୨ | ୨୮ | ୨୦୨/୧ | ଘରବାରୀ | ୦.୦୬ | ୦.୦୨୫ | ଚନ୍ଦ୍ର ସାହୁ, ଇନ୍ଦ୍ର ସାହୁ, ପି: ଦୟା ସାହୁ, ଚିନ୍ତା ସାହୁ, ଗୁରୁ ଚରଣ ସାହୁ, ପି:ଲୋଚନ ସାହୁ, ଜା: ଭୂୟାଁ, ବା: ନିଜଗାଁ |
| | | ୨୦୪/୧ | ଘରବାରୀ | ୦.୧୦ | ୦.୦୩ | |
| | | ୨୦୪/୨ | ଘରବାରୀ | ୦.୧୦ | ୦.୦୩ | |
| | | ୨୦୬ | ଘରବାରୀ | ୦.୧୬ | ୦.୦୨ | |
| | | ୨୦୭ | ଘରବାରୀ | ୦.୨୦ | ୦.୦୪ | |
| ୩ | ୧୩୦ | ୨୦୦ | ଘରବାରୀ | ୧.୨୦ | ୦.୦୪ | ନବିନ ଚନ୍ଦ୍ର ପଟକାର, ପି: ଦୁଃଖି ଶ୍ୟାମ ପଟକାର, ବିଷ୍ଣୁ ଚରଣ ପଟକାର, ପି: ଶ୍ରୀବସ୍ତ ପଟକାର, ପୂର୍ଣ୍ଣ ଚନ୍ଦ୍ର ପଟକାର, ବଂଶିଧର ପଟକାର, କୃଷ୍ଣଚନ୍ଦ୍ର ପଟକାର, ଯାଜ୍ଞସିନି ପଟକାର ସ୍ଵା:ସୁଦନ ପଟକାର,ନୂଆଦେଇ ପଟକାର, ସ୍ଵା:କୁଞ୍ଜ ବିହାରି ପଟକାର ଜା:ଭୂୟାଁ, ବା:ନିଜଗାଁ |
| ୪ | ୧୩୬ | ୨୦୮ | ଘରବାରୀ | ୦.୧୨ | ୦.୦୩ | ଶ୍ରୀବସ୍ତ ପଟକାର,ତ୍ରିଭୁବନ ପଟକାର,କୁଞ୍ଜ ବିହାରି ପଟକାର,ସୁଦନ ପଟକାର, ପି:ସିନ୍ଧୁ ପଟକାର, ଜା:ଭୂୟାଁ, ବା:ନିଜଗାଁ |
| | | ମୋଟ ଅର୍ଜନ ରକବା | | | ୦.୨୮୫ | |

ଅମିନ
ଭୂ-ଅର୍ଜନ ବିଭାଗ
ସୁନ୍ଦରଗଡ଼

ରାଜସ୍ଵ ନିରୀକ୍ଷକ
ଭୂ-ଅର୍ଜନ ବିଭାଗ
ଭୂ ଅର୍ଜନ ଉପବିଭାଗ
ସୁନ୍ଦରଗଡ଼

ଭୂ-ଅର୍ଜନ ଅଧିକାରୀ
ସୁନ୍ଦରଗଡ଼

ଭୂ-ଅର୍ଜନ ଅଧିକାରୀ
ଭୂ-ଅର୍ଜନ ଉପବିଭାଗ
ସୁନ୍ଦରଗଡ଼